# NATIONAL NEWS BULLETIN (ODIA)

**10 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଢ଼ାଞ୍ଚାଗତ ସଂସ୍କାର କ୍ଷେତ୍ରରେ ଭାରତ ପରିବର୍ତ୍ତନଶୀଳ ପଥରେ ଯାତ୍ରା କରୁଛି - କହିଲେ ପ୍ରତିରକ୍ଷାମନ୍ତ୍ରୀ ।

- ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି ।

- ଟିକସ ନୀତି ସମ୍ପର୍କିତ ପୁସ୍ତିକାର ଦ୍ୱିତୀୟ ଭାଗ ଉନ୍ମୋଚନ କଲେ ନୀତି ଆୟୋଗର ମୁଖ୍ୟ ପରିଚାଳନା ଅଧିକାରୀ ।

- ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ।

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଆଜି ଆରମ୍ଭ ହେଲା ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ।

## ରାଜନାଥ-ଅଷ୍ଟ୍ରେଲିଆ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଢ଼ାଞ୍ଚାଗତ ସଂସ୍କାର ବିଶେଷକରି ଉତ୍ପାଦନ କ୍ଷେତ୍ରରେ ଭାରତ ଏକ ପରିବର୍ତ୍ତନଶୀଳ ପଥରେ

ଯାତ୍ରା କରୁଛି । ସେ କହିଛନ୍ତି ଭାରତ ଏବେ ବିଶ୍ୱର ଚତୁର୍ଥ ସର୍ବବୃହତ୍ ଏବଂ ଅଭିବୃଦ୍ଧିଶାଳୀ ଅର୍ଥବ୍ୟବସ୍ଥା । ସିଡ୍‌ନୀରେ ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ଶିଳ୍ପ ବ୍ୟବସାୟ ଗୋଲଟେବୁଲ ବୈଠକକୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ନୀତିଗତ ହସ୍ତକ୍ଷେପ ଏବଂ ଅନୁପାଳନ ବ୍ୟବସ୍ଥାର ସରଳୀକରଣ ମାଧ୍ୟମରେ ପ୍ରତିରକ୍ଷା ଉତ୍ପାଦନ ଇକୋ ସିଷ୍ଟମକୁ ନିରନ୍ତର ଉଦାରୀକରଣ କରାଯାଉଛି । ସେ କହିଛନ୍ତି ଗତ ଆର୍ଥିକ ବର୍ଷରେ ଦେଶର ପ୍ରତିରକ୍ଷା ଉତ୍ପାଦନ ୧ଲକ୍ଷ ୫୧ହଜାର କୋଟି ଟଙ୍କା ଛୁଇଁଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୧୮ ପ୍ରତିଶତ ଅଧିକ । ଦେଶର ପ୍ରତିରକ୍ଷା ରପ୍ତାନୀ ମଧ୍ୟ ୨୩ହଜାର ୬୨୨କୋଟି ଟଙ୍କାରେ ପହଞ୍ଚିଛି ଏବଂ ଭାରତୀୟ କମ୍ପାନୀଗୁଡ଼ିକ ଏବେ ପାଖାପାଖି ୧୦୦ଟି ଦେଶକୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରୁଛନ୍ତି । ମନ୍ତ୍ରୀ କହିଛନ୍ତି ଭାରତ ନିଜର ସୁଦୃଢ଼ ଜାହାଜ ନିର୍ମାଣ କ୍ଷମତା, ବିବିଧ ଉତ୍ପାଦନ ଆଧାର ଏବଂ ଘରୋଇ କ୍ଷେତ୍ରର ନବସୃଜନକାରୀ ଓ ଷ୍ଟାର୍ଟଅପ୍ ଗୁଡ଼ିକର ବୃଦ୍ଧି ପାଉଥିବା ଇକୋ ସିଷ୍ଟମ ସହିତ ଏକ ବିଶ୍ୱସ୍ତ ଅଂଶୀଦାର ହେବାକୁ ପ୍ରସ୍ତୁତ ରହିଛି ।

ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ବିଶେଷଭାବେ ଉଲ୍ଲେଖ କରିଥିଲେ ଯେ, ମେକ୍ ଇନ୍ ଇଣ୍ଡିଆ, ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା ଏବଂ ଡିଜିଟାଲ ରୂପାନ୍ତରଣ ଭଳି ପଦକ୍ଷେପ ନବସୃଜନ ଏବଂ ନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଏହି ଅବସରରେ ଶ୍ରୀ ସିଂହ ଅଷ୍ଟ୍ରେଲିଆର ବ୍ୟବସାୟୀ ସମୁଦାୟକୁ ଭାରତ ସହିତ ନିବେଶ, ସହଯୋଗ ଏବଂ ନବସୃଜନ ପାଇଁ ଆମନ୍ତ୍ରଣ କରିଥିଲେ । ଭାରତ ଏବଂ ଅଷ୍ଟ୍ରେଲିଆ

ମିଳିତଭାବେ ଅତ୍ୟାଧୁନିକ ପ୍ରଯୁକ୍ତି ବିକଶିତ କରିପାରିବେ ଏବଂ ଉନ୍ନତ ପ୍ଲାଟଫର୍ମ ନିର୍ମାଣ କରିପାରିବେ ବୋଲି ମନ୍ତ୍ରୀ ଆଶାପ୍ରକାଶ କରିଥିଲେ ।

# ନିଉ ଆର୍‌ବିଆଇ ଡେପୁଟୀ ଗଭର୍ଣ୍ଣର

ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାବେ ଶିରିଶ ଚନ୍ଦ୍ର ମୁର୍ମୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏହି ପଦବୀରେ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ପୂର୍ବରୁ ଶ୍ରୀ ମୁର୍ମୁ ରିଜର୍ଭ ବ୍ୟାଙ୍କରେ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ । ନୂଆ ଦାୟିତ୍ୱ ସ୍ୱରୂପ ସେ ଯୋଗାଯୋଗ, ସରକାରୀ ବିଭାଗ ସମେତ ବ୍ୟାଙ୍କ ଆକାଉଣ୍ଟ ଓ ପ୍ରବର୍ତ୍ତନ ଏବଂ ନିୟାମକ ବିଭାଗର କାର୍ଯ୍ୟ ସମ୍ଭାଳିବେ ।

# ବିହାର-ଇସି

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ହେବାକୁ ଥିବା ୧୨୧ଟି ନିର୍ବାଚନମଣ୍ଡଳୀ ପାଇଁ ଆଜିଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି । ନାମାଙ୍କନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ନାମାଙ୍କନ ପ୍ରକ୍ରିୟାର ଭିଡ଼ିଓଗ୍ରାଫି କରାଯାଉଛି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି ରହିବ। ୧୮ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ୨୦ ତାରିଖକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି । ଆସନ୍ତା ନଭେମ୍ବର ୬ ତାରିଖରେ ଏହି ପର୍ଯ୍ୟାୟର ମତଦାନ ହେବ ।

ବିହାର ବିଧାନସଭା ନିର୍ବାଚନ ସମୟରେ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ବିକଳ୍ପ ପୋଷ୍ଟାଲ ବାଲାଟକୁ ନିର୍ବାଚନ ଆୟୋଗ ଅନୁମତି ଦେଇଛନ୍ତି । ଏହି ବର୍ଗ ସହ ଜଡିତ ଭୋଟରମାନେ ନିର୍ବାଚନ ବିଜ୍ଞପ୍ତି ପରେ ପ୍ରକାଶ ପାଇବାର ୫ ଦିନ ମଧ୍ୟରେ ଫର୍ମ-୧୨ଡି ଜରିଆରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଆବେଦନ କରିପାରିବେ । ଏହି ପ୍ରଣାଳୀକୁ ବାଛିଥିବା ଯୋଗ୍ୟ ଭୋଟରମାନେ' ଗୋପନୀୟତା ବଜାୟ ରଖି ମତଦାନ କରିବେ । ଏହି ସୁବିଧା ଇଚ୍ଛାଧୀନ ଏବଂ ନିର୍ବାଚନ ଆୟୋଗ ନିଜେ ଏହି ପୋଷ୍ଟାଲ ବାଲାଟ ପ୍ରେରଣ ଓ ସଂଗ୍ରହ କାର୍ଯ୍ୟକୁ ତଦାରଖ କରିଥାନ୍ତି ।

## ନୀତି ଆୟୋଗ

ନୀତି ଆୟୋଗର ମୁଖ୍ୟ ପରିଚାଳନା ଅଧିକାରୀ ବି.ଭି.ଆର୍ ସୁବ୍ରମଣ୍ୟମ ଆଜି ନୂଆଦିଲ୍ଲୀରେ ନୀତି ଆୟୋଗର ଟିକସ ନୀତି ସମ୍ପର୍କିତ ପୁସ୍ତିକାର ଦ୍ୱିତୀୟଭାଗ ଉନ୍ମୋଚନ କରିଛନ୍ତି । ଦ୍ୱିତୀୟ ଭାଗର ଶୀର୍ଷକ ହେଉଛି 'Towards India's Tax Transformation: Decriminalisation and Trust-Based Governance', । ଏହି ସଂସ୍କରଣରେ ଆୟକର ମାମଲା ଗୁଡ଼ିକର ବିଚାର ସମୟରେ ଯେଉଁ ନୀତି ନିର୍ଦ୍ଦେଶ ଅନୁପାଳନ କରାଯିବ, ସେ ସମ୍ପର୍କିତ ବିଷୟବସ୍ତୁ ଦିଆଯାଇଛି । ଏହା ଆୟକର ଅଧିକାରୀମାନଙ୍କୁ ଆୟକର ମାମଲା ଗୁଡ଼ିକର ବିଶ୍ଳେଷଣ କରିବା

ସମୟରେ ସହାୟକ ହେବ ବୋଲି ଆୟୋଗ କହିଛନ୍ତି । ଏହି ଅବସରରେ ଶ୍ରୀ ସୁବ୍ରମଣ୍ୟମ କହିଛନ୍ତି ଆୟକରଦାତାଙ୍କ ପାଇଁ ସହଜ ଏବଂ ସ୍ୱଚ୍ଛ ବିଶ୍ୱସ୍ତରୀୟ ଆୟକର ବ୍ୟବସ୍ଥା ପ୍ରଚଳନ ଉପରେ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି ।

## ମେଣ୍ଟାଲ୍ ହେଲ୍‌ଥ୍ ଡେ

ସମାଜରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏବଂ ଏ ଦିଗରେ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି। ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ବିଶ୍ୱବ୍ୟାପୀ ମାନସିକ ସ୍ୱାସ୍ଥ୍ୟ ସେବାକୁ ପ୍ରୋତ୍ସାହିତ କରିବା ର ପ୍ରୟାସକୁ ସୁଦୃଢ଼ କରିବା ପାଇଁ ଏହି ଦିବସ ପାଳନ କରାଯାଏ । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସେବା ଉପଲବ୍ଧତା– ବିପର୍ଯ୍ୟୟ ଓ ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ'।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଲୋକମାନଙ୍କୁ ନିଜନିଜ ମଧ୍ୟରେ କଥାବାର୍ତ୍ତା କରିବା ଏବଂ ଏଭଳି ଏକ ପରିବେଶ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଛନ୍ତି, ଯେଉଁଥିରେ ସମସ୍ତେ ନିଜ ମଧ୍ୟରେ ଥିବା ଚିନ୍ତାଧାରାକୁ ସହଜରେ ପ୍ରକାଶ କରିପାରିବେ । ଶ୍ରୀ ମୋଦୀ କହିଛନ୍ତି ପ୍ରତ୍ୟେକ ଲୋକଙ୍କ ଭଲପାଇଁ ମାନସିକ ସ୍ୱାସ୍ଥ୍ୟ ଏକ ମୌଳିକ ଢ଼ାଞ୍ଚା ଭାବେ କାର୍ଯ୍ୟ କରିଥାଏ । ସେ କହିଛନ୍ତି ଅନ୍ୟପ୍ରତି ଦୟା, କ୍ଷମା ଏବଂ କରୁଣା ପ୍ରଦର୍ଶନ କରିବା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଭଲ ରହିଥାଏ । ଶ୍ରୀ ମୋଦୀ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା କହିଛନ୍ତି ଜନସାଧାରଣଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଛି । ଆଜିର ଦିବସ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନତା ବୃଦ୍ଧିକୁ ଗୁରୁତ୍ୱ ଦେବା ସହ ନିଜନିଜ ମଧ୍ୟରେ ଏ ସମ୍ପର୍କରେ କଥାବାର୍ତ୍ତା କରିବାକୁ ମଧ୍ୟ ପ୍ରୋତ୍ସାହିତ କରୁଛି । ଶ୍ରୀ ନଡ୍ଡା କହିଛନ୍ତି ସମସ୍ତଙ୍କ ଉଦ୍ୟମରେ ହିଁ ଆମେ ସମସ୍ତଙ୍କ ପାଇଁ ସୁନ୍ଦର ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସୃଷ୍ଟି କରିପାରିବା ।

## ଇଡି ରେଡ୍ ସୁଜିତ ବୋଷ

ପଶ୍ଚିମବଙ୍ଗର ମ୍ୟୁନିସିପାଲିଟି କର୍ମଚାରୀ ଚୟନ କ୍ଷେତ୍ରରେ ହୋଇଥିବା ଦୁର୍ନୀତି ନେଇ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇଡି ମନ୍ତ୍ରୀ ସୁଜିତ ବୋଷଙ୍କ ସହ ସମ୍ପର୍କିତ ୧୧ଟି ସ୍ଥାନରେ ଚଢ଼ଉ କରୁଛି । ସୁଜିତ ବୋଷଙ୍କ କାର୍ଯ୍ୟାଳୟ ଓ କମ୍ପାନୀ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ ଜାରି ରହିଥିବା ଜଣାପଡିଛି । ସିବିଆଇ ଦ୍ୱାରା ଦାୟର ଏତଲା ଆଧାରରେ ଏହି ମାମଲାର ତଦନ୍ତ କରାଯାଉଥିବାବେଳେ କୋଲକାତା ହାଇକୋର୍ଟ କହିଛନ୍ତି ପଶ୍ଚିମବଙ୍ଗରେ କେବଳ ଶିକ୍ଷକ ଚୟନରେ ଦୁର୍ନୀତି ହୋଇନାହିଁ ବରଂ ଏହା ମ୍ୟୁନିସିପାଲିଟି କର୍ମଚାରୀ ଚୟନ କ୍ଷେତ୍ରରେ ମଧ୍ୟ ହୋଇଛି ।

# ଜିଏସ୍‌ଟି ରିଫର୍ମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତମାସ ୨୨ ତାରିଖରେ ଜିଏସ୍‌ଟି ସଞ୍ଚୟ ଉତ୍ସବ ଘୋଷଣା କରିବା ପରେ ଜିଏସ୍‌ଟି ପରିଷଦ ଦ୍ୱାରା ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପଗୁଡ଼ିକ ଦେଶବାସୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଲାଭାନ୍ୱିତ କରୁଛି । ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଲାଭାନ୍ୱିତ କରୁଥିବାବେଳେ ମଧ୍ୟପ୍ରଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ମଧ୍ୟପ୍ରଦେଶର କୃଷକ, କାରୀଗର, ଶିଳ୍ପଶ୍ରମିକ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ସେମାନଙ୍କ ଦ୍ରବ୍ୟ ଓ ସେବା ବିକ୍ରୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିଛି । ଜିଏସ୍‌ଟି ପରିଷଦର ନିଷ୍ପତ୍ତି ଅନୁଯାୟୀ ଲୁଣିଆ ଖାଦ୍ୟଦ୍ରବ୍ୟ ଉପରେ ଜିଏସ୍‌ଟି ହାର ୫ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ପାଉଁରୁଟି ଉପରେ ୬ରୁ ୭ ପ୍ରତିଶତ ଜିଏସ୍‌ଟି ହ୍ରାସ କରାଯାଇଛି । ଏହାଯୋଗୁଁ ୩ଲକ୍ଷ ୫୦ହଜାର କର୍ମଚାରୀ ଲାଭାନ୍ୱିତ ହୋଇଛନ୍ତି । ଅନ୍ୟପକ୍ଷରେ କୃଷିକ୍ଷେତ୍ରରେ ବ୍ୟବହାର କରାଯାଉଥିବା ଯନ୍ତ୍ରାଂଶ, ପମ୍ପ, ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଉପକରଣ ଉପରେ ଜିଏସ୍‌ଟି ହ୍ରାସ କରାଯାଇଥିବାରୁ କୃଷକମାନେ ନୂତନ ଜ୍ଞାନକୌଶଳ ସମ୍ବଳିତ ଯନ୍ତ୍ରାଂଶ ବ୍ୟବହାର ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି ।

## ଭାରତ ରାଇସ୍ କନ୍‌ଫରେନ୍ସ

ଜାତୀୟ ରାଜଧାନୀର ଭାରତ ମଣ୍ଡପରେ ଆସନ୍ତା ୩୦ ତାରିଖ ଏବଂ ୩୧ ତାରିଖରେ ଦୁଇଦିନିଆ ଭାରତ ଅନ୍ତର୍ଜାତୀୟ ଚାଉଳ ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ । ଏଥିପାଇଁ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିବାକୁ ଥିବା ଅନୁଷ୍ଠାନଗୁଡ଼ିକ ମଣ୍ଡପର ସମସ୍ତ ସ୍ଥାନ ଅଧିଗ୍ରହଣ କରିସାରିଛନ୍ତି ବୋଲି ଇଣ୍ଡିଆନ ରାଇସ୍ ଏକ୍ସପୋର୍ଟ୍ସ ଫେଡେରେସନ - IREF ସୂଚନା ଦେଇଛି । ଏହି ସମ୍ମିଳନୀରେ ପ୍ରାୟ ଦେଢ଼ଶହ ପ୍ରଦର୍ଶକ କମ୍ପାନୀ ଅଂଶଗ୍ରହଣ କରି ସମଗ୍ର ଚାଉଳ ମୂଲ୍ୟ ଶୃଙ୍ଖଳାକୁ ଏକାଠି କରିବେ । ଏହି କମ୍ପାନୀଗୁଡ଼ିକ ବିଭିନ୍ନ ପ୍ରକାରର ନବସୃଜନ, ପ୍ରଯୁକ୍ତି ବିଦ୍ୟା ଏବଂ ପ୍ରିମିୟମ ଚାଉଳ କିସମ ପ୍ରଦର୍ଶନ କରିବେ । ସମ୍ମିଳନୀରେ ୮୦ରୁ ଅଧିକ ଦେଶରୁ ୧ହଜାରରୁ ଅଧିକ ବିଦେଶୀ କ୍ରେତା ଏବଂ ସମଗ୍ର ଭାରତରୁ ପ୍ରାୟ ୫ହଜାର କୃଷକ ସାମିଲ ହେବେ । କମ୍ପାନୀଗୁଡ଼ିକ ଜିଆଇ ଟ୍ୟାଗ୍, ପ୍ରିମିୟମ ଅଣ ବାସମତି କିସମ କାଲାନମକ ଚାଉଳ, କାଲି କାସା, ଗୋବିନ୍ଦ ଭୋଗ, ଇନ୍ଦ୍ରାୟଣୀ ଜୋହା ଏବଂ କଳା ଚାଉଳ ପ୍ରଦର୍ଶନ କରିବେ ।

## ଫିଲିପାଇନ୍ସ ଆର୍ଥକ୍ୱେକ

ଫିଲିପାଇନ୍ସର ଡାଭାଓ ଓରିଏଣ୍ଟାଲରେ ଆଜି ସକାଳେ ୭ ଦଶମିକ ୫ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ଏହାର ଗଭୀରତା ପ୍ରାୟ ୨୦

କିଲୋମିଟର ଥିଲା । ଫିଲିପାଇନ୍ସ କର୍ତ୍ତୃପକ୍ଷ ଏକ ସୁନାମି ସତର୍କତା ଜାରି କରି କହିଛନ୍ତି ଭୂକମ୍ପ ପ୍ରଭାବରେ ଉପକୂଳ ଅଞ୍ଚଳରେ ବିପଜ୍ଜନକ ସୁନାମି ତରଙ୍ଗ ଆସିବାର ଆଶଙ୍କା ରହିଛି । ଉପକୂଳ ବାସିନ୍ଦାଙ୍କୁ ବାସସ୍ଥାନ ଛାଡି ଉଚ୍ଚସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦିଆଯାଇଛି । ଏପର୍ଯ୍ୟନ୍ତ ଭୂକମ୍ପଜନିତ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ । ଗତ ସପ୍ତାହରେ ଫିଲିପାଇନ୍ସର ସେବୁ ପ୍ରଦେଶରେ ହୋଇଥିବା ୬ ଦଶମିକ ୯ ତୀବ୍ରତାର ଭୂକମ୍ପରେ ୭୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

## ଟେଷ୍ଟ କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଆଜିଠାରୁ ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି । ଭାରତ ଟସ୍ ଜିତି ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଭାରତ ୫୩ ଓଭର ସୁଦ୍ଧା ୧ ୱିକେଟ୍‌ରେ ୨୦୫ ରନ୍ କରିଛି । ଲୋକେଶ ରାହୁଲ ୩୮ ରନ୍ କରି ଆଉଟ୍ ହୋଇଥିବାବେଳେ ୟଶଭି ଜୟସ୍ୱାଲ ୧୦୫ ଓ ସାଇ ସୁଦର୍ଶନ ୬୨ରନ୍ କରି ଅପରାଜିତ ଅଛନ୍ତି ।

ଶୁଭମନ୍ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଅହମ୍ମଦାବାଦ ଠାରେ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ବିଜୟୀ ହୋଇ ୧-୦ରେ ଅଗ୍ରଣୀ ରହିଛି ।

# ମହିଳା କ୍ରିକେଟ୍

ଆଇ.ସି.ସି. ମହିଳା ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ଆଜି ବାଂଲାଦେଶ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗୌହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଭାରତକୁ ତିନି ୱିକେଟ୍‌ରେ ପରାସ୍ତ କରିଛି ।